The Odisha Gazette

EXTRAORDINARY

PUBLISHED BY AUTHORITY

No. 1010 CUTTACK, SATURDAY, MAY 6, 2023/BAISAKHA 16, 1945

ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତା ୨୧-୦୪-୨୦୨୩ ରିଖ

A.D.S.R. No. 117—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଅନୁଗୋଳ-ଡୁବୁରି-ସୁକିନ୍ଦା ରୋଡ୍ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ***ପଦରଭରଣିଆ*** ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ***୦.୭୨୦*** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ରେ ଭାରାପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଳପଥ ନିର୍ମାଣ ପ୍ରକଳ୍ପ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ପୂର୍ବତଟ ରେଳପଥ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଧେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଧାରା ୮(୨) ମୁତାବକ ପ୍ରକାଶିତ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଅନୁଗୋଳ / ତାଳଚେର ।

୬. ଜମିର ବିବରଣୀ ।

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଚଂଳ / ସହରାଚଂଳ	ଖାତା ନଂ	ପ୍ଲଟ ନଂ	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ଅନୁଗୋଳ	ବଅଁରପାଳ	ପନ୍ଦରଭରଣିଆ	ଗ୍ରାମାଚଂଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	୦.୭୨୦	ଏଥି ସହିତ ସଂଲଗ୍ନ

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ..... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଜମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୋଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ଭୂମି ଅନୁସୂଚି

ମୌଜା : ପନ୍ଦରଭରଣିଆ

ତହସିଲ – ବଅଁରପାଳ, ଥାନା - ଅନୁଗୋଳ, ଥାନା ନଂ – ୧୧୫, ଜିଲ୍ଲା - ଅନୁଗୋଳ

ଅନୁଗୋଳ ଠାରୁ ସୁକିନ୍ଦା ନୂତନ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ

ଖାତା ନଂ	ସତ୍ୱ	ପ୍ଲଟ ନଂ	କିସମ	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	ରୟତଙ୍କ ନାମ
୮	ରୟତି	୫୩	ଶାରଦ ତିନି/୧୨	୧.୬୨୦	୦.୧୦୦	କୁଳମଣି ପଧାନ, ପି:ରଘୁ ପଧାନ, ଦୂତିକା ଦେଇ ପି: ହରି ପଧାନ, ଚନ୍ଦ୍ର ପଧାନ, ପି: ଅର୍ଜୁନ ପଧାନ, ଜା: ମାଟିଆ, ବା: ବୁଢ଼ାପଙ୍କ (ପନ୍ଦରଭରଣିଆ)
୧୨	ରୟତି	୫୨/୧୧୬	ଶାରଦ ତିନି/୬	୨.୩୦୦	୦.୨୪୦	ଜଗବନ୍ଧୁ ଭୂତିଆ, ପି: ସୁବୁଧି ଭୂତିଆ, ଜା: ଗଉଡ, ବା: ବୁଢ଼ାପଙ୍କ (ପଡା) ପନ୍ଦରଭରଣିଆ
୧୨	ରୟତି	୫୨	ଶାରଦ ତିନି/୧୬	୧.୮୮୦	୦.୦୩୦	
୧୬	ରୟତି	୫୪	ଶାରଦ ତିନି/୭	୦.୭୦୦	୦.୨୭୦	ଫକୀର ପଧାନ, ପି: ସନୁ ପଧାନ, ଜା: ମାଟିଆ, ବା: ବୁଢ଼ାପଙ୍କ
୧୯	ରୟତି	୨୦	ଶାରଦ ତିନି/୭	୦.୬୬୦	୦.୦୮୦	ବୈକୁଣ୍ଠ ନାଏକ, ଶିରିଆ ନାଏକ, ପି: ସପନି ନାଏକ, ଜା: ପାଣ, ବା: ମଝିକା, ବେଆଇନ ସାଦା କାଗଜ ଖରିଦ ସୂତ୍ରେ ଦଖଲ ବା: ଅଥାନି ସାହୁ, ପି: ରୁଷିଆ ସାହୁ, ଜା: ଗଉଡ, ବା: ବୁଢ଼ାପଙ୍କ(ପଡା) ପନ୍ଦରଭରଣିଆ, ତା ୧୦.୦୫.୫୪ ଜରସମନ ଟଙ୍କା ୬୮/- ବା:
			ମୋଟ		**୦.୭୨୦**	

ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ

ଜିଲ୍ଲାପାଳ, ଅନୁଗୋଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 295—173+9